ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୧୦

# କାଳି ଜୟସିଂହ ଏକ ବ୍ୟକ୍ତି ନୁହଁନ୍ତି, ଏକ ଅନୁଷ୍ଠାନ

ଯେଉଁ ରାଷ୍ଟ୍ରର ଶିକ୍ଷାର ଭିତିଭୂମି ସୁଦୃଢ ସେ ରାଷ୍ଟ୍ର ସେତିକି ଉନ୍ନତ ଓ ପ୍ରଗତିଶୀଳ । ଆଜିର ଯୁଗରେ ଏକ ନିରକ୍ଷର ବ୍ୟକ୍ତି ସମାଜରେ ପାଦେ ମାଡିବା ଅତ୍ୟନ୍ତ କଷ୍ଟକର । ଏହି କଥାକୁ ପାଂଚଗଡର ବରପୁତ୍ର କାଳିଚରଣ ଜୟସିଂହ ଅନେକ ଦିନ ତଳୁ ଅନୁଭବ କରିଥିଲେ ଏବଂ ଯେଉଁ ପ୍ରାଥମିକ ଶିକ୍ଷା ସଭ୍ୟ ରାଷ୍ଟ୍ରର ଭିତିଭୂମି ସେହି ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ କାଳୀବାବୁ ଅହରହ ଉଦ୍ୟମ ଜାରି ରଖିଥିଲେ । କାରଣ କଥାରେ ଅଛି ନ୍ତଉଦ୍ଯୋଗୀନଂ ପୁରୁଷଃ ଯଥା ମୁପେତି ଲକ୍ଷ୍ମୀ ଦୈବେନ ଦେୟମିତି କାପୁରୁଷାଃ ବଦନ୍ତିନ୍ତ । ଏହି କର୍□ବ୍ୟ ବିଷୟରେ ସେ ଦିନର ମହାଭାରତ ଯୁଦ୍ଧ କ୍ଷେତ୍ରରେ ଭଗବାନ ଶ୍ରୀକୃଷ୍ଣ ନିଜର ପ୍ରିୟ ଶିଷ୍ୟ ଅର୍ଜୁନଙ୍କୁ କହିଥିଲେ ନ୍ତକର୍ମଣ୍ୟେ ବାଧିକା ରସ୍ତୁ ମାଂ ଫଳେଷୁ କଦାଚନନ୍ତ । ସେହି ମହାନ ବିଭୁତି କାଳିଚରଣ ଜୟସିଂହ ବୋଲଗଡ ନିକଟସ୍ଥ ବାରବାଟି ଗ୍ରାମରେ ୧୯୫୧ ମସିହା ଜାନୁୟାରୀ ୩ ତାରିଖରେ ପିତା ଅନ୍ତର୍ଯ୍ୟାମି ଜୟସିଂହ ଓ ମାତା ଶୁଶିଳା ଜୟସିଂହଙ୍କ କୋଳ ମଣ୍ଡନ କରି ମା ମାଟିର ମାନ ସମ୍ମାନକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରି ପାରିଛନ୍ତି । ପରିଶ୍ରମ ଜୀବନର ପ୍ରହରୀ ସଦୃଶ ତାଙ୍କର ଜୀବନ ନିଜ ମା ମାଟିରେ ଶିକ୍ଷା ଅନୁଷ୍ଠାନ ଗଢି ଶିକ୍ଷାର ଆଲୋକ ବ□ିକା ସାଜିଥିଲେ । ଦିନେ ମହାତ୍ମାଗାନ୍ଧୀ କହୁଥିଲେ, ଶ୍ରମହିଁ ଦେବତା, ଜୀବନ ହେଉଛି କର୍ମମୟ । ତେଣୁ ମନେ ରଖିବାକୁ ହେବ କର୍ମନିଷ୍ଠା ଓ କର୍ମ ପ୍ରେରଣା ହିଁ ଜୀବନକୁ କରେ ଆନନ୍ଦମୟ । ଏହି କର୍ମକୁ ପାଥେୟ କରି ସେ ନିଜର ଦୃଢ ମନୋବଳ, ବଳରେ ଇତିହାସ ବିଜଡିତ ପାଂଚଗଡ ମାଟିରେ ଗଢି ଚାଲିଲେ 'ଉଚ୍ଚ ବିଦ୍ୟାଳୟ, ମହା ବିଦ୍ୟାଳୟ ଓ ପ୍ରଶିକ୍ଷଣ ବିଦ୍ୟାଳୟ' । ଶିକ୍ଷାର ଆଲୋକ ବ□ିକା ସାଜି ସେ ଆଜି ସମାଜରେ ନିଜକୁ ପ୍ରତିଷ୍ଠା ଲାଭ କରି ପାରିଛନ୍ତି । ଏହି ଭଳି ତାଙ୍କ ସହିତ ବା□ାଳାପ ସମୟରେ ସେ କହନ୍ତି 'ନିଜର ସୁକର୍ମ ହିଁ ମଣିଷକୁ ଦେଇଥାଏ ଅପାର ଆନନ୍ଦ ଏବଂକରିଥାଏ ମହାନ' । କବି ଅନଙ୍ଗନରେନ୍ଦ୍ରଙ୍କ ସାରସ୍ୱତ ମାଟି ବାଙ୍କୋଇଗଡ ଓଡିଶା ଇତିହାସରେ କିପରି ପ୍ରଥମ ସ୍ଥାନ ଅଧିକାର କରୁ ଏହାହିଁ ଥିଲା ତାଙ୍କ ଜୀବନର ଏକମାତ୍ର ଅଭିଳାଷ । କାଳି ସାର ଥିଲେ ଜଣେ ଧର୍ମିୟ ଭାବନାର ବ୍ୟକ୍ତି । ସେ ନିଜକୁ ଧର୍ମ ପଥରେ ବ୍ରତୀ କରି ନିଜର କାର୍ଯ୍ୟକୁ ଦକ୍ଷତାର ସହିତ କରି ଗୌରବ ଶ୍ରୀମଣ୍ଡିତ ହୋଇପାରିଛନ୍ତି । ୧୮୧୭-୨୭ ଖୋର୍ଦ୍ଧାର ପାଇକ ବିଦ୍ରୋହ, ୧୯୨୦-୪୨ ମସିହାର ସ୍ୱାଧୀନତା ସଂଗ୍ରାମ ତଥା ଭାରତ ଛାଡ ଆନ୍ଦୋଳନ ଓ ପୃଥିବୀ ବିଖ୍ୟାତ କଳିଙ୍ଗ ଯୁଦ୍ଧରେ ପାଂଚଗଡ ପାଇକ ମାନଙ୍କର ଜୀବନବଳୀ ଭାରତ ଇତିହାସରେ ଏକ ଅବିସ୍ମରଣୀୟ ଘଟଣା । ଏହି ବଳିଦାନ କାଳିବାବୁଙ୍କ ଜୀବନରେ ପ୍ରଭାବ ପକାଇବା ସହ ସେ ବିଚାର କରିଥିଲେ ପ୍ରତିଭା ହେଉଛି ବ୍ୟକ୍ତିତ୍ୱର ସେହି ବିଶେଷତ୍ୱ ଯେଉଁଠାରେ ଚିନ୍ତନକୁ କ□ୃତ୍ୱରେ ରୂପାନ୍ତର କରିବାର ଯୋଜନାକୁ କାର୍ଯ୍ୟକରିବାର ବିଚାର, ବୁଦ୍ଧି, ସାହସ ତଥା ଦକ୍ଷତା ଥାଏ ।

ତାଙ୍କ କ୍ଷୀଣ ଶରୀରରେ ରହିଛି ଦଧିଚିର ପରମ ଶକ୍ତିଶାଳୀ ଅସ୍ଥି ଯାହା ଦିନେ ଦାନବ ଶିବିରରେ ଭୟ ଓ ଆତଙ୍କର ପାରମାଣବିକ ପ୍ରତିକ୍ରିୟା ସୃଷ୍ଟି କରିଥିଲା ।ତାଙ୍କର ସେହି ଅସ୍ଥି ଓ ମେଦରୁ ନିଃଶୃତ ପ୍ରତ୍ୟେକ ସ୍ୱେଦ ବିନ୍ଦୁ ଏକାଧିକ ଅନୁଷ୍ଠାନ । ଇଟା ପଥର ବାଲି ସିମେ□ରେ ଅସୁମାରୀ କୋଠା


ଉମାଶଙ୍କର ପ୍ରସାଦ

ଗଡିଉଠେ । କ୍ଷୁଦ୍ରରୁ ଆରମ୍ଭ କରି ନଭଃସ୍ପୃଶ୍ୟ ଯାଏଁ । ଚୈତନ୍ୟପୁରୁଷ ବିନା ଜଡ଼-ଶରୀର ଶବ ଯେମିତି । ତେବେ କିଛି କିଛି ହର୍ମ୍ୟ ଅନୁଷ୍ଠାନ ବା ଅଟ୍ଟାଳିକା ପଛରେ ଏମିତି ଏକ ଭାବନା ସଂଚାରିତ ହୋଇଥାଏ, ଯାହାକି ଇଟା,ପଥର,ବାଲି ସିମେ□ର ଜଡତାକୁ ଭାଙ୍ଗି ତହିଁରେ ଦିବ୍ୟ ଚେତନା ବା ସ୍ପନ୍ଦନର ଶକ୍ତି ଖେଳାଇଥାଏ । କାଳୀସାରଙ୍କର ହାତଗଢା ପ୍ରତ୍ୟେକ ଅନୁଷ୍ଠାନ ସେହି ଅଂଚଳ ତଥା ଓଡିଶାର ବିଭିନ୍ନ ପ୍ରାନ୍ତର ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷାର ଆଲୋକରେ ଆଲୋକିତ କରି ପାରିଛି । ଇଂରାଜୀରେ ଏକ ପ୍ରବାଦ ବାକ୍ୟାବଳୀ ଅଛି ଯାହା ହେଲା «A lamp can never light another lamp unless it continues to burn it's own flame« । ଅଦ୍ୟାବଧି କାଳିସାର ବୟଷର ଅପରାହ୍ନରେ ସ୍ୱପ୍ନ ଦେଖିଚାଲିଛନ୍ତି ନିଜ ହାତଗଢା ମଣିଷ ତିଆରି କାରଖାନାର ବିକାଶ । ସାରସ୍ୱତ ସାଧନା ଓ କାଳିଚରଣ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସାହିତ୍ୟ କ୍ଷେତ୍ରରେ ତାଙ୍କର ଅନେକ ରଚିତ ପ୍ରବନ୍ଧ, କବିତା, ଗଳ୍ପ ଇତ୍ୟାଦି ଓଡିଶାର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ପାଇବା ସହ ପାଠକୀୟ ଶ୍ରଦ୍ଧା ଓ ସମ୍ମାନ ସାଉଁଟି ପାରିଛି । ତାଙ୍କର ସମାଜ ସେବା, ମାନବ ସମ୍ବଳର ବିକାଶ ଏବଂ ପାଂଚଗଡ ମାଟିର ବିକାଶ ତଥା ଉନ୍ନତି ସାଧନ ତଥା ଏହାର ନାମକୁ ସାର୍ଥକ କରିଥିବାରୁ ତାଙ୍କୁ ସେହି ଅଂଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜ ସେବୀ ରୂପେ ୧୯୯୬ ମସିହା ଫେବୃୟାରୀ ମାସରେ ଦୀପାଲୋକ ସାହିତ୍ୟ ସଂସଦ ତାଙ୍କୁ 'ପାଂଚଗଡର ବରପୁତ୍ର' ଆଖ୍ୟା ପ୍ରଦାନ କରିଚନ୍ତି । ନିଜର ପ୍ରଦତ ମାନପତ୍ରରେ ସେ ଉଲ୍ଲେଖ କରିଥିଲେ ନ୍ତଦୁର୍ବାର ଆଲୋକ ଜର୍ଜରିତ ନିଃସଙ୍ଗ ନିପୀଡିତ ଓ ମୁର୍ମୂଷୁ ପ୍ରାଣୀଙ୍କ ପାଇଁ କାଳିଚରଣଙ୍କ ଅମାୟିକ ସେବା ପଛରେ ରହିଛି ମନୁଷ୍ୟପ୍ରତି ତାଙ୍କର ଆତ୍ମିକ ସମ୍ମାନ । ଏହି ସମ୍ମାନ ଓ ଗୌରବ ଲାଭ କରି ମଧ୍ୟ ତିଳେ ମାତ୍ର ତାଙ୍କ ମନରେ ଗର୍ବନଥାଏ । ତାଙ୍କର ସାଧନାର ଅନ୍ତ ନାହିଁ, ଜୀବ ଥିଲା ପର୍ଯ୍ୟନ୍ତ ତାଙ୍କ ସାଧନା ଭବିଷ୍ୟ ପିଢୀଙ୍କୁ ଦିଗଦର୍ଶନ ଦେଉଥିବ । ନିଜର କାର୍ଯ୍ୟଦକ୍ଷତା ବଳରେ ସେ ନିପଟ ମଫସଲରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକ ଗଢି ସମଗ୍ର ଅଂଚଳକୁ ଶିକ୍ଷାଲୋକରେ ଉଦ୍‌ଭାସିତ କରିଛନ୍ତି ତାହା ଅଂଚଳବାସୀଙ୍କୁ ନୂତନ ଦିଗଦର୍ଶନ ଦେବ ଏଥିରେ କୌଣସି ସନ୍ଦେହ ନାହିଁ । ଏ ନଶ୍ୱର ଶରୀର କ୍ଷଣସ୍ଥାୟୀ, ତେଣୁ କବିମୁନରେ ନ୍ତଙ୍କୃତ ହୁଏ ନ୍ତଚିରସ୍ଥାୟୀ ନୁହେଁ ଶରୀର ପାଦପ ଭବ ତରଙ୍ଗିଣୀ ତୀରେ / ପ୍ରାଣ ମୂଳମାଟି ଧୌତ ହୋଇଗଲେ ଭାସିଯାଏ କାଳନୀରେନ୍ତ । କିନ୍ତୁ ତାଙ୍କର ହାତ ତିଆରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ତାଙ୍କୁ ଅମର କରି ରଖିବ ।

ସ୍ତମ୍ଭକାର ତଥା ସମ୍ପାଦକ ମାର୍ଗଦର୍ଶୀ,
ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

# ଗୋପବନ୍ଧୁ ଦୀନବନ୍ଧୁ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ । ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା । ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର । ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ । ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ ନ୍ତଗୋପ ଦିନେ ଭାରି ବଡ଼ ଲୋକ ହେବ । ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ ।' ପଣ୍ଡିତଙ୍କ କଥା ସତ ହେଲା । ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା । ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ । ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ । ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା । ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ଠାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ । ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି । ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ । ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ । ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ ।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର । ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି । ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ । କଟକ, ପୁରୀ, ବାଲେଶ୍ୱର ଅ*ଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ । ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଂଟୁଥିଲେ । ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ । ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର


ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ । କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ । ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା । ୧୯୨୩ ବେଳର କଥା । ସେ ସମୟରେ ଜମିଦାର ମାନଙ୍କର ସେପରି ଥାଟବାଟ ନଥାଏ । ନାମ ଓ ସଞ୍ଜା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା । ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତି । ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା । ୧୯୧୨ ମସିହାରେ ବିହାର ସହିତ ଏ ଅ*ଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁବ ଲୋପ ପାଇବା ଉପରେ ଥିଲା । କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପ* ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ । ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା । ସିଂହଭୂମର ବିସ୍ତୃତି ଅ*ଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଢ଼େଇକଳା, ଖରସୁଆଁ ଓ ବହଳାଗୋଡ଼ାର ପ*ରୁଳିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅ*ଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ ।

ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ । କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ । ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି । ମୁଁ ସେଥିରେ ମର୍ମାହତ । ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି । ତଥାପି କଟକ, ପୁରୀ ଆଦି ଅ*ଳରେ ରହି ମଧ୍ୟ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ । ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ ।

ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ । ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି ।

ପ୍ରତିଷ୍ଠାତା ସମ୍ପାଦକ ନ୍ତସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# ସଂଘ ଓ ସମ୍ବିଧାନ

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ) ପକ୍ଷରୁ ବିଜୟାଦଶମୀ ଦିନ ନାଗପୁରର ରେଶମବାଗସ୍ଥିତ ମୂଖ୍ୟାଳୟରେ ଶତାବ୍ଦି ସମାରୋହ ପାଳନ କରାଯାଇଥିଲା । ଏହି ଶତାବ୍ଦି ସମାରୋହର ମୁଖ୍ୟ ଅତିଥି ଥିଲେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ । ବିଜୟାଦଶମୀ ଦିନ ଗାନ୍ଧୀଜୟନ୍ତୀ ମଧ୍ୟ ଥିଲା । ପୂର୍ବତନ ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ତାଙ୍କ ଅଭିଭାଷଣରେ ମହାତ୍ମାଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ କିନ୍ତୁ ସଂଘ ପ୍ରମୁଖ ମୋହନ ଭାଗବତଙ୍କ ଭାଷଣରୁ ସ୍ପଷ୍ଟଥିଲା ଯେ ସେ ଯେମିତି କୌଣସି ରାଷ୍ଟ୍ରମୁଖ୍ୟ । ଭାଷଣରେ ଅର୍ଥନୀତି, ବୈଦେଶିକ ନୀତି, ସରକାରଙ୍କ ଦାୟିତ୍ୱ, ଇତିହାସ, ବର୍ତମାନ, ଭବିଷ୍ୟତ ସବୁର କଥା ଥିଲା । ଭାରତ ସରକାର ଯେତେବେଳେ ସଂଘର ଶତାବ୍ଦି ସମାରୋହକୁ ଜନସାଧାରଣଙ୍କ ଅର୍ଥରେ ପାଳନ କରିପାରିଲେ ସେତେବେଳେ ମୋହନ ଭାଗବତଙ୍କ ଏଭଳି ଭାଷଣ ଉପରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ୨୦୧୪ରେ ବିଜେପି ସରକାର ଆସିବା ପୁର୍ବରୁ ସଂଘର ସ୍ଥାପନା ଦିବସ, ଦଶହରାରେ ଶସ୍ତ୍ରପୂଜା ଆଦି ପାଳନ କରାଯାଉଥିଲା କିନ୍ତୁ ଏଭଳି ପ୍ରଚାର ପ୍ରସାର ହେଉନଥିଲା । କିନ୍ତୁ ଏବର୍ଷ ସଂଘର ଶତାବ୍ଦି ସମାରୋହ ସତେ ଯେମିତି ଏକ ରାଷ୍ଟ୍ରୀୟ ଆୟୋଜନ ଥିଲା । ସଂଘର ସ୍ଥାପନା ଦିବସ ପାଳନ କୌଣସି ରାଷ୍ଟ୍ରୀୟ ପର୍ବ ଠାରୁ କମ୍ ନଥିଲା । ଏପର୍ଯ୍ୟନ୍ତ ସରକାର ଏହାକୁ ରାଷ୍ଟ୍ରୀୟ ପର୍ବ ସରକାରୀ ଭାବେ ଘୋଷଣା କରିନାଁନ୍ତି କିନ୍ତୁ ସଂଘର ମହିମାମଣ୍ଡନ କାମ ଏଭଳି ଜାରିରହେ ତେବେ ଏହାକୁ ରାଷ୍ଟ୍ରୀୟ ପର୍ବ ଘୋଷଣା କରିବାକୁ ବେଶି ସମୟ ଲାଗିବ ନାହିଁ । ସଂଘର ରାଷ୍ଟ୍ରବାଦ, ଦେଶର ଉନ୍ନତିରେ ଯୋଗଦାନ ବାବଦରେ ବିଗତ କିଛି ବର୍ଷ ହେବ ବିମର୍ଷ ଜାରି ରହିଛି । ଏବେ ଏକଥା ବି କୁହାଯାଉଛି ଯେ ଦେଶର ସ୍ୱାଧିନତା ଆନ୍ଦୋଳନରେ ସଂଘ ବ୍ୟାପକ ଅଂଶ ଗ୍ରହଣ କରିଥିଲା । କିନ୍ତୁ ଇତିହାସର ତଥ୍ୟ ଅନୁସାରେ ସଂଘ ସ୍ୱାଧିନତା ଆନ୍ଦୋଳନରେ ଭାଗ ନେଇନଥିଲା ବରଂ ଭାରତଛାଡ ଆନ୍ଦୋଳନକୁ ବିଫଳ କରିବା ପାଇଁ ଇଂରେଜ ଶାସକଙ୍କୁ ଚିଠି ଲେଖିଥିଲା । ଏଭଳି ଭୁଲକୁ ସଂଘ ସୁଧାରି ପାରିଥାନ୍ତା ଯଦି ସ୍ୱାଧିନତା ପରେ ଗାନ୍ଧୀଙ୍କ କଥା ଶୁଣିଥାନ୍ତା ଏବଂ ତାଙ୍କୁ ଘୃଣା କରିନଥାନ୍ତା ଓ ଦେଶର ସମ୍ବିଧାନକୁ ଯଦି ସ୍ୱୀକାର କରିଥାନ୍ତା ତଥା ସମ୍ବିଧାନ ପରିବର୍ତେ ମନୁସ୍ମୃତିକୁ ଲାଗୁକରିବା ପାଇଁ ଓକିଲାତି କରିନଥାନ୍ତା । କିନ୍ତୁ ସଂଘ ତାର ଦେଶ ଭକ୍ତିକୁ ସାବ୍ୟସ୍ତ କରିବାର ଏଇ ସୁଯୋଗକୁ ହରାଇ ଦେଇଥିଲା । ଗତ ଅକ୍ଟୋବର ୨ତାରିଖରେ ଏସବୁ ସାବ୍ୟସ୍ତ କରିବାର ସୁଯୋଗ ମିଳିଥିଲା କିନ୍ତୁ ଏହି ସୁଯୋଗକୁ ସଂଘ ମଧ୍ୟ ହାତଉଡା କରିଦେଲା । ଅକ୍ଟୋବର ୨ତାରିଖରେ ନାଗପୁର ଠାରେ ଭାରତୀୟ ଯୁବ କଂଗ୍ରେସର କାର୍ଯ୍ୟକର୍ତାମାନେ ସଂଘ ପ୍ରମୁଖ ମୋହନ ଭାଗବତଙ୍କୁ ସମ୍ବିଧାନର ଏକ କପି (ପୁସ୍ତିକା) ଦେବା ପାଇଁ ରାଜରାସ୍ତାକୁ ବାହାରିଥିଲେ । ସଂଘକୁ ସମ୍ବିଧାନ ପୁସ୍ତିକା ପ୍ରଦାନ କରିବା ଏବଂ ସଂଘ ସମ୍ବିଧାନକୁ ଆପଣାଉ ବୋଲି ଯୁବ କଂଗ୍ରେସ ପକ୍ଷରୁ ଉଦ୍ୟମ କରାଯାଇଥିଲା ବୋଲି ଯୁବ କଂଗ୍ରେସର କାର୍ଯ୍ୟକର୍ତା ମାନେ କହିଥିଲେ । ସଂଘକୁ ସମ୍ବିଧାନ ପୁସ୍ତିକା ପ୍ରଦାନ ପାଇଁ ଯେଉଁ ପ୍ରଦର୍ଶନ କରାଯାଇଥିଲା ତାହା ଶାନ୍ତିପୁର୍ଣ୍ଣ ଥିଲା ବୋଲି ଜଣାପଡିଛି । ପ୍ରଦର୍ଶନକାରୀମାନେ ଶାନ୍ତିପୁର୍ଣ୍ଣ ଭାବେ ମୋହନ ଭାଗବତଙ୍କୁ ସମ୍ବିଧାନ ପୁସ୍ତିକା ଦେବା ପାଇଁ ଯାଉଥିଲେ । କେହି ବିସ୍ଫୋଟକ ସାମଗ୍ରୀ ନେଇନଥିଲେ । ଏଣୁ ମୋହନ ଭାଗବତ ସମ୍ବିଧାନ ପୁସ୍ତିକାକୁ ଗ୍ରହଣ କରି ଦେଶର ବ୍ୟବସ୍ଥା ପ୍ରତି ତାଙ୍କର ସ୍ୱୀକୃତି ପ୍ରଦାନ କରିପାରିଥାନ୍ତେ । କିନ୍ତୁ ମହାତ୍ମାଗାନ୍ଧୀଙ୍କ ଜୟକାର ଏବଂ ସମ୍ବିଧାନ ପୁସ୍ତିକା ନେଇ ଯାଉଥିବା ଯୁବକ ମାନଙ୍କୁ


ଗୋପାଳ ମହାପାତ୍ର

ପୋଲିସ ଗିରଫ କରିଥିଲା । ଏହି ଘଟଣା ପରେ ଏବେ ରାଜନୈତିକ ବିଶ୍ଲେଷକ ମାନେ କହୁଛନ୍ତି ଯେ ସଂଘ ସମ୍ବିଧାନର ମୂଳ ଭାବନାକୁ ସ୍ୱୀକାର କରିବ ନା ମନୁସ୍ମୃତିରେ ହିଁ ରହିଯିବ ? ମୋହନ ଭାଗବତଙ୍କୁ ବିଜେପିର ପୁର୍ବତନ ସାଂସଦ ତଥା ବର୍ତମାନର କଂଗ୍ରେସ ନେତା ଉଦିତ ରାଜ ମଧ୍ୟ ସମାଲୋଚନା କରିଛନ୍ତି । ମୋହନ ଭାଗବତ ଅକ୍ଟୋବର ୨ର ତାଙ୍କ ଅଭିଭାଷଣରେ କହିଥିଲେ ଯେ ହିନ୍ଦୁ ସମାଜର ଶକ୍ତି ଏବଂ ଚରିତ୍ର ଏକତାର ଗ୍ୟାରେଂଟି ଦେଇଥାଏ । ହିନ୍ଦୁ ସମାଜରେ ମୁଁ ଏବଂ ସେମାନେ ର ଅବଧାରଣା କେବେ ନଥିଲା କି ଏବେ ନାହିଁ । ଏ ପ୍ରସଙ୍ଗରେ ଉଦିତ ରାଜ ମୋହନ ଭାଗବତଙ୍କ ଉଦେଶ୍ୟରେ କହିଛନ୍ତି ଯେ ଆମେ ପାଣି ପାଇଁ ଗୋଟିଏ କୂଅ, ପୂଜାର୍ଚ୍ଚନା ପାଇଁ ଗୋଟିଏ ମନ୍ଦିର ଏବଂ ଶବଦାହ ପାଇଁ ଗୋଟିଏ ଶ୍ମଶାନ ପରିବର୍ତେ ଗୋଟିଏ ପ୍ରକାରର ଶିକ୍ଷା, ଜାତିବିହୀନ ସମାଜ ଏବଂ ଭାଗିଦାରୀ ଚାହୁଁଛୁ । ଦଳିତ ଏବଂ ଓବିସି ଏବେ ବୁଝିଗଲେଣି । କିନ୍ତୁ ସମସ୍ତଙ୍କ ପାଇଁ ଏକା ବ୍ୟବସ୍ଥା କଥା ମନୁସ୍ମୃତିରେ ନାହିଁ । ମନୁସ୍ମୃତିରେ ଶେଷ ତିନି ବର୍ଣ୍ଣଙ୍କ ସେବା ଦଳିତ କରିବେ ବୋଲି ଉଲ୍ଲେଖ ରହିଛି । ଏ କଥା ବହୁକାଳରୁ ଭାରତରେ ଚଳି ଆସୁଛି, ଯଦି କିଛି ପରିବ□ନ ହୋଇଛି ସେଥିପାଇଁ ଅନେକ ସଂଘର୍ଷ କରିବାକୁ ପଡିଛି । ସମ୍ବିଧାନ ଲାଗୁ ହେବାପରେ ମଧ୍ୟ ଦଳିତଙ୍କ ଶୋଷଣ ଚାଲିଛି । ଏଥିରେ ସମ୍ବିଧାନର ଦୋଷନାହିଁ । ସମ୍ବିଧାନ ଅନୁସାରେ ଚାଲିଲେତ ଭେଦଭାବ ରହିବ ନାହିଁ । ସମାଜରୁ ଏସବୁ ବିଲୋପ ପାଇଁ ସମୟ ଲାଗିବ ଯଦି ସମ୍ବିଧାନକୁ ବଦଳାନଯାଏ । ବିଜେପି ସମ୍ବିଧାନରେ ପରିବ□ନ ଚାହୁଁଥିବା ବେଳେ କଂଗ୍ରେସ ସମ୍ବିଧାନକୁ ବ□ାଇବା ପାଇଁ ଚାହୁଁଛି । ଏଣୁ ସଂଘ ବନାମ ସମ୍ବିଧାନ ପ୍ରସଙ୍ଗକୁ ନେଇ ବ୍ୟାପକ ଚର୍ଚ୍ଚାରେ ଆବଶ୍ୟକତା ରହିଛି ।

ରାମଚନ୍ଦ୍ରପୁର, ରଣପୁର
ମୋ :-୯୪୩୮୪୮୫୦୯୪

# ରାମଙ୍କ ଜନ୍ମ

ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଧର୍ମ, ଅର୍ଥ, କାମ, ମୋକ୍ଷ ଏଇ ଚତୁର୍ବର୍ଗ ସୁଫଳ ପାଇବା ପାଇଁ ଲବକୁଶ ରାମାୟଣ ଗାନ କରିବାକୁ ଲାଗିଲେ । ସେମାନେ ପ୍ରଥମରୁ ଆରମ୍ଭ କଲାବେଳେ ଜାଣିଲେ ଯେ ଇକ୍ଷ୍ୱାକୁ ବଂଶରେ ସଗର ରାଜା ଜନ୍ମିଥିଲେ । ସରଯୂ କୂଳରେ କୋଶଳ ନାମରେ ଗୋଟିଏ ସମୃଦ୍ଧଶାଳୀ ରାଜ୍ୟ ଥିଲା । ଅଯୋଧ୍ୟା ସେଇ ରାଜ୍ୟର ରାଜଧାନୀ । ଅଯୋଧ୍ୟାର ସୁଦୃଶ୍ୟ ଅଟ୍ଟାଳିକା, ରାଜମାର୍ଗ, ପ୍ରାକୃତିକ ଶୋଭା ଅନନ୍ୟ ଥିଲା । ଅଯୋଧ୍ୟାର ପ୍ରିୟ ରାଜା ମହାରାଜା ଦଶରଥ ଶାସ୍ତ୍ରଜ୍ଞ, ଧର୍ମ ପରାୟଣ, ଶାସ୍ତ୍ର, ନିର୍ଲୋଭ ଓ ସତ୍ୟବାଦୀ ଥିଲେ । ଦଶରଥ ଅନେକ ଦିନ ଅପୁତ୍ରକ ଥିବାରୁ ସେ ପୁତ୍ରକାମନା କରୁଥିଲେ । ତାଙ୍କ ରାଜ୍ୟସଭାରେ ବଶିଷ୍ଟ, ବିଶ୍ୱାମିତ୍ର, ବାମଦେବ, ଜାବାଳି ପ୍ରଭୃତି ଧର୍ମଜ୍ଞ, ସତ୍ୟବାଦୀ, ନିର୍ଭୀକ, ମତିମାନ, ସତ୍ୟଦ୍ରଷ୍ଟା, ନିର୍ଲୋଭମାନେ ମନ୍ତ୍ରୀ ଥିଲେ । ରାଜ୍ୟସଭା ଆଦୃତ ହେଲା ଏବଂ ସୁମନ୍ତ ଦଶରଥଙ୍କୁ ଏକାନ୍ତରେ କହିଲେ ଯେ ମୁଁ ସନତ କୁମାରଙ୍କ ଠାରୁ ଏଇ କଥା ଶୁଣିଛି, କାଶ୍ୟପ ତନୟ ବିଭାଣ୍ଡକ ମୁନିଙ୍କର ଏକ ପୁତ୍ର ଥିଲେ । ସେ ଋଷ୍ୟଶୃଙ୍ଗ ନାମରେ ବିଖ୍ୟାତ । ଏକଦା ଭୟଙ୍କର ଦୁର୍ଭିକ୍ଷ ପଡ଼ିବାରୁ ସେଇ ଦେଶର ରାଜା ଲୋମପାଦ କୌଶଳ କରି ଋଷ୍ୟଶୃଙ୍ଗଙ୍କୁ ନିଜ ରାଜା ଦଶରଥଙ୍କ ପୁତ୍ର କାମନା କିପରି ପୂର୍ଣ୍ଣ ହେବ ଏଇ କଥା କହିଥିଲେ । ଦଶରଥଙ୍କ ପୁତ୍ର କାମନା କିପରି ପୂର୍ଣ୍ଣ ହେବ ଋଷ୍ୟଶୃଙ୍ଗ କହିପାରିବେ । ଲୋମପାଦ କାହିଁକି ଋଷ୍ୟଶୃଙ୍ଗଙ୍କୁ ଆଣିଥିଲେ ତାହା ଜାଣିବାକୁ ଚାହିଁବାରୁ ସନକ କହିଲେ ଯେ ଋଷ୍ୟଶୃଙ୍ଗ ସର୍ବଦା ବନରେ ରହୁଥିଲେ । ସେଇ ଅଗମ୍ୟ ବନରେ ତପସ୍ୟା ଓ ବେଦାଧ୍ୟୟନ କରୁଥିଲେ । ତାପରେ ତାଙ୍କୁ ଶୀଘ୍ର ଅଯୋଧ୍ୟା ଆଣିବା ଗଣିକାମାନଙ୍କୁ ନିଯୁକ୍ତ କରିବା ପାଇଁ ରାଜା ନିଷ୍ପତି କଲେ । ଋଷ୍ୟଶୃଙ୍ଗ ପିତାଙ୍କ ଉପରେ ସନ୍ତୁଷ୍ଟ ଥିଲେ । ସେ ବାହାରକୁ ନଯାଇ କେବଳ ଆଶ୍ରମରେ ରହୁଥିଲେ । ଦିନେ ସେ ବୁଲିବାକୁ ଯାଇଥିବାବେଳେ ବିଚିତ୍ରା ବେଶ୍ୟା ନାରୀ ମାନଙ୍କୁ ଦେଖିଲେ । ସେ କାହିଁକି ଏକାକୀ ବନରେ ଅଛନ୍ତି ଏହା ଗଣିକାମାନେ ଜାଣିବାକୁ ଚାହିଁବାରୁ ଋଷ୍ୟଶୃଙ୍ଗ ମୁଗ୍ଧ ହୋଇ କହିଲେ ମୋ ପିତା ବିଭାଣ୍ଡକ । ମୁଁ ତାଙ୍କର ପୁତ୍ର । ତୁମ୍ଭେମାନେ ନିକଟର ଆଶ୍ରମକୁ ଗଲେ ସେଠାରେ ସମସ୍ତଙ୍କୁ ଯଥାବିଧି ସତ୍କାର କରିବେ । ଆଶ୍ରମରେ ସେମାନେ ଋଷ୍ୟଶୃଙ୍ଗଙ୍କ ସତ୍କାର ଗ୍ରହଣ କଲେ । ଗଣିକାମାନେ ତାଙ୍କୁ ଆଲିଙ୍ଗନ କରି ଓ ବିବିଧ ଖାଦ୍ୟ ଦେଇ ବଶୀଭୂତ କରିଦେଲେ । ସେମାନେ ଚାଲିଯିବା ପରେ ଋଷ୍ୟଶୃଙ୍ଗ ବିରହ ଜ୍ୱାଳାରେ କାତର ହେଲେ । ଋଷ୍ୟଶୃଙ୍ଗ ଅଙ୍ଗ ରାଜ୍ୟକୁ ଆସିବା ପରେ ସେଠାରେ ପ୍ରବଳ ବର୍ଷା ହେଲା ଏବଂ ଋଷ୍ୟଶୃଙ୍ଗ ମଧ୍ୟ ସେହି ଦେଶର ରାଜକନ୍ୟାଙ୍କୁ ବିବାହ କଲେ । ଅଙ୍ଗରାଜ ଲୋମପାଦ ଦଶରଥଙ୍କ ବନ୍ଧୁଥିଲେ । ସେ ସୁମନ୍ତ କଥିତ ଋଷ୍ୟଶୃଙ୍ଗ ଇତିହାସ ବଶିଷ୍ଠଙ୍କୁ ଜଣାଇଲେ । ସେଠରେ କିଛି ଦିନ ବାସ କରିବା ପରେ ଦଶରଥ ଲୋମପାଦଙ୍କୁ ପୁତ୍ର କାମନା ପାଇଁ ଯଜ୍ଞାନୁଷ୍ଠାନ କରିବା ପ୍ରସଙ୍ଗ କହିଲେ ଏବଂ ଋଷ୍ୟଶୃଙ୍ଗଙ୍କୁ ସେଥିରେ ଯୋଗ ଦେବା ପାଇଁ ଅନୁରୋଧ କଲେ । ତାଙ୍କ ଅନୁରାଧ ରକ୍ଷା କରି ଜାମାତା ଋଷ୍ୟଶୃଙ୍ଗଙ୍କୁ ଅଯୋଧ୍ୟା ପଠାଇବା ପାଇଁ ବ୍ୟବସ୍ଥା କଲେ । ସେ ଅଯୋଧ୍ୟା ଆସିବା ପରେ ତାଙ୍କୁ ବଶିଷ୍ଟ, ବାମଦେବ ପ୍ରଭୃତି ଋତ୍ୱିକ ବ୍ରାହ୍ମଣମାନଙ୍କୁ ଯଜ୍ଞର ସଂକଳ୍ପ ଜଣାଇଲେ ଏବଂ ଯଜ୍ଞର ଆୟୋଜନ କରିବା ପାଇଁ ବ୍ୟବସ୍ଥା କରାଗଲା ଏବଂ ଋଷ୍ୟଶୃଙ୍ଗଙ୍କୁ ଯଜ୍ଞ କରିବା ପାଇଁ ଅନୁରୋଧ କଲେ । ଦଶରଥଙ୍କୁ ଯଥାବିଧି ଯତ୍ନ କରି ସକଳ ବର୍ଣ୍ଣର ଲୋକଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଲେ । ଦିନେ ରାଜା ଯଜ୍ଞ ଭୂମିକୁ ଯାଇ ପତ୍ନୀଗଣଙ୍କ ସହିତ ଯଜ୍ଞ ଦୀକ୍ଷିତ ହେଲେ । ଅଶ୍ୱମେଧ ଯଜ୍ଞ ବର୍ଷକ ପୂର୍ବରୁ ଛାଡ଼ିଥିବା ଅଶ୍ୱ ବର୍ଷକ ପରେ ଫେରି ଆସିଲା । ଋଷ୍ୟଶୃଙ୍ଗଙ୍କୁ ପୁରୋହିତ କରି ବଶିଷ୍ଠାଦି ଋଷିଗଣ ଯଜ୍ଞ କର୍ମ ଆରମ୍ଭ କଲେ । ଯଜ୍ଞ ସ୍ଥଳରେ କାଷ୍ଠ ନିର୍ମିତ, ବସ୍ତ୍ର ଓ ସ୍ୱର୍ଣ୍ଣାଳଙ୍କାରେ ଭୂଷିତ ଗୋଟିଏ ଯୂପ କାଠ ଥିଲା । ବ୍ରାହ୍ମଣମାନଙ୍କ ଦ୍ୱାରା ଇଟା ଲଗାଇ କୁଣ୍ଡ ନିର୍ମାଣ କରି ସେଥିରେ ସ୍ୱର୍ଣ୍ଣପକ୍ଷ ଗୁରୁଡ଼ାକାର ଅଗ୍ନି ସ୍ଥାପନ କରାଗଲା । ଦେବତାମାନଙ୍କ ଉଦ୍ଦେଶ୍ୟରେ ପଶୁ, ପକ୍ଷୀ ଓ ଅଶ୍ୱ ସଂଗୃହୀତ କରାଯାଇଥିଲା । ସେ ସବୁକୁ ଋଷିଗଣ ଶାସ୍ତ୍ର ଅନୁସାରେ ବଧ କଲେ । ଯଜ୍ଞ ହୋଇଥିବା ଅଶ୍ୱକୁ କୌଶଲ୍ୟା ପରମ ଆନନ୍ଦରେ ତିନିଥର ଖଡ୍ଗ ଦ୍ୱାରା ହାଣି ବଧ କଲେ । ତା'ପରେ ସେ ଧର୍ମକାମନା କରି ସେଇ ଅଶ୍ୱ ସହିତ ଗୋଟିଏ ରାତି ଅତିବାହିତ କଲେ । ଶ୍ରୌତକର୍ମରେ ନିପୁଣ ଋତ୍ୱିକ ସେଇ ଅଶ୍ୱର ଶରୀରକୁ ନେଇ ଯଥାସାଧ୍ୟ ହୋମ କଲେ ଏବଂ ସେଇ ଅଗ୍ନିର ଧୂଆଁ ଦଶରଥ ଆଘ୍ରାଣ କଲେ । ରାଜା ଯାଜକ ଓ ବ୍ରାହ୍ମଣ ମାନଙ୍କୁ ପ୍ରଚୁର ଦକ୍ଷିଣା ପ୍ରଦାନ କଲେ । ଏହାପରେ ଋଷ୍ୟଶୃଙ୍ଗ ମନ୍ତ୍ର ଦ୍ୱାରା ଯଥାବିଧି ପୁତ୍ରେଷ୍ଟି ଯଜ୍ଞ ଆରମ୍ଭ କଲେ । ପୁତ୍ର କାମନାରେ ଏଇ ଯଜ୍ଞ କରାଯାଏ । ଏଇ ସମୟରେ ଦେବଗଣ ବ୍ରହ୍ମାଙ୍କ ପାଖକୁ ଯାଇ କହିଲେ - ରାକ୍ଷସ ରାବଣ ଆପଣଙ୍କ ବର ପାଇ ଆମ୍ଭମାନଙ୍କୁ ପୀଡ଼ା ଦେଉଛି । ତାକୁ ନଷ୍ଟ କରିବା ପାଇଁ ଆଗେ ବ୍ୟବସ୍ଥା କରନ୍ତୁ । ବ୍ରହ୍ମା କହିଲେ - ରାବଣ ମୋ ପାଖରୁ ବର ମାଗିଥିଲା ଗନ୍ଧର୍ବ, ଯକ୍ଷ ଓ ରାକ୍ଷସ ହାତରେ ତା'ର ମୃତ୍ୟୁ ହେବନାହିଁ । ମୁଁ ମଧ୍ୟ ତାକୁ ସେଇ ବର ଦେଇଥିଲି । ସେ ଅବଜ୍ଞା କରି ମଣିଷମାନଙ୍କ ନାମ ଉଚ୍ଚାରଣ କରିନଥିଲା । ତେଣୁ ସେଇ ମଣିଷ ହିଁ ତାଙ୍କୁ ବଧ କରିବ ।

ଏପରି ସମୟରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରି ଗରୁଡ଼ ବାହନ ଉପରେ ଆସି ସେଠାରେ ଭଗବାନ ବିଷ୍ଣୁ ଉପସ୍ଥିତ ହେଲେ । ଦେବତାମାନେ ତାଙ୍କୁ ସ୍ତୁତି କଲେ ଏବଂ କହିଲେ - ଆମେ ଆପଣଙ୍କୁ ଗୋଟିଏ ଦାୟିତ୍ୱ ଦେବୁ । ଅଯୋଧ୍ୟାପତି ଦଶରଥଙ୍କ ତିନିରାଣୀ ଅଛନ୍ତି, ଆପଣ ତାଙ୍କର ଔରସରୁ ଜନ୍ମଗ୍ରହଣ କରି ଦୁଷ୍ଟ ରାବଣକୁ ବଧ କରନ୍ତୁ । ସେ ସମସ୍ତଙ୍କ ଉପରେ ଅତ୍ୟାଚାର କରୁଛି । ଏଣୁ ତା'ର ନିଧନ ପାଇଁ ଆମେ ଆପଣଙ୍କୁ ନିବେଦନ କରୁଛୁ । ଏହା ଶୁଣି ବିଷ୍ଣୁ କହିଲେ ତୁମେ ଭୟ କରନା, ମୁଁ ରାବଣକୁ ସବଂଶେ ସଂହାର କରିବି । ଏହି ସ୍ତୁତି ସମୟରେ ଯଜ୍ଞରୁ ଏକ ଅଭୂତପୂର୍ବ ପ୍ରଭାନ୍ୱିତ, ମହାବୀର୍ଯ୍ୟ, ମହାପ୍ରାଣୀ ଆବିର୍ଭୁତ ହେଲେ, ସେ କୃଷ୍ଣକାୟ ରକ୍ତାମ୍ବରଧାରୀ । ମୁହଁ ରକ୍ତବର୍ଣ୍ଣ କଣ୍ଠ ସ୍ୱର ଦୁନ୍ଦୁଭିତୁଲ୍ୟ । ମହାରାଜ ! ଏଇ ଦେବ ନିର୍ମିତ ସନ୍ତାନଦାୟକ ପାୟସ ଆପଣଙ୍କର ପତ୍ନୀମାନଙ୍କ ମଧ୍ୟରେ ବା[ ଖାଇବାକୁ ଦିଅନ୍ତୁ । ଦଶରଥ ସେଇ ଦେବ ନିର୍ମିତ ସନ୍ତାନଦାୟକ ପାୟସ ପାତ୍ର ଗ୍ରହଣ କରି ମସ୍ତକରେ ଛୁଇଁଲେ । ତା'ପରେ ଅନ୍ତଃପୁରକୁ ଯାଇ ପାୟସର ଅର୍ଦ୍ଧାଂଶ କୌଶାଲ୍ୟଙ୍କୁ ଦେଲେ । ଅବଶିଷ୍ଟ ଅର୍ଦ୍ଧାଂଶରୁ ଅର୍ଦ୍ଧାଂଶ ସୁମିତ୍ରାଙ୍କୁ ଏବଂ ଅବଶିଷ୍ଟ କୈକେୟୀଙ୍କୁ ଦେଇ ମନେ ମନେ ଭାବି ଶେଷ ଅଂଶ ସୁମିତ୍ରାଙ୍କୁ ଦେଲେ । ସେଇ ପାୟସ ଖାଇ ତିନିରାଣୀ ଗର୍ଭଧାରଣ କଲେ । ବିଷ୍ଣୁ ଦଶରଥଙ୍କୁ ପୁତ୍ର ହେବାପାଇଁ ସ୍ୱୀକାର କରି ଦେବତାଙ୍କୁ କହିଲେ - ତୁମେ ମୋତେ ସାହାଯ୍ୟ କରିବା ପାଇଁ ବହୁ ବୀର ସୃଷ୍ଟି କର । ଜାମ୍ବବାନ, ପୂର୍ବରୁ ମୋ ମୁହଁରୁ ଉତ୍ପନ୍ନ ହୋଇଛି । ଏହାପରେ ତୁମ୍ଭେମାନେ ଗନ୍ଧର୍ବ, ଯକ୍ଷୀ, ଅପସରା, ବିଦ୍ୟାଧର, କିନ୍ନରୀ, ବାନରୀ ମାନଙ୍କ ଗର୍ଭରୁ ପରାକ୍ରାନ୍ତ ବାନର ଉତ୍ପନ୍ନ କର । ଏହାପରେ ବ୍ରହ୍ମାଙ୍କ ଆଦେଶ ନେଇ ଦେବଗଣ ଏବଂ ଋଷି, ସିଦ୍ଧ, ବିଦ୍ୟାଧର, ଯକ୍ଷ ପ୍ରଭୃତି ବାନର ସୃଷ୍ଟି କଲେ । ଇନ୍ଦ୍ର ବାଳୀକ, ସୂର୍ଯ୍ୟ ସୁଗ୍ରୀବକୁ, ବୃହସ୍ପତି ତାରକକୁ, କୁବେର ଗନ୍ଧମାଦନକୁ, ବିଶ୍ୱକର୍ମା ନଳକୁ, ଅଗ୍ନି ନୀଳକୁ, ଅଶ୍ୱିନୀ କୁମାର ମଇନ୍ଦ ଓ ଦ୍ୱିବିନ୍ଦକୁ, ବରୁଣ ସୁଶେଶକୁ ଏବଂ ପର୍ଜନ୍ୟ ଶରଭକୁ ସୃଷ୍ଟି କଲେ । ବଜ୍ରତୁଲ୍ୟ ଦୃଢ଼କାୟ, ଗରୁଡ଼ତୁଲ୍ୟ ବେଗବାନ ବାନରମାନଙ୍କୁ ମଧ୍ୟ ସେ ସୃଷ୍ଟି କଲେ । ସର୍ବାପେକ୍ଷା ବୁଦ୍ଧିମାନ ଓ ବଳବାନ ହନୁମାନଙ୍କୁ ବାୟୁ ଉତ୍ପାଦନ କଲେ ।

ଅଶ୍ୱମେଧ ଯଜ୍ଞ ସମାପ୍ତି ହେବାପରେ ଆମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଫେରିଗଲେ । ଋଷ୍ୟଶୃଙ୍ଗ ମଧ୍ୟ ନିଜ ଦେଶକୁ ଫେରିଲେ । ଦ୍ୱାଦଶ ମାସ ପୂର୍ଣ୍ଣ ହୋବରୁ କୌଶଲ୍ୟା ଚୈତ୍ର ନବମୀ ତିଥି ପୁନର୍ବସୁନକ୍ଷତ୍ରରେ ରାମଙ୍କୁ ଜନ୍ମ କଲେ । କୈକେୟୀ ପୁଷ୍ୟା ନକ୍ଷତ୍ରରେ ଭରତଙ୍କୁ ଏବଂ ସୁମିତ୍ର ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଜନ୍ମ କଲେ । ଗନ୍ଧର୍ବଗଣ ମଧୁର ସଂଗୀତ ଏବଂ ଅପସରାମାନେ ନୃତ୍ୟ କଲେ । ଦେବଗଣ ଦୁନ୍ଦୁଭି ଧ୍ୱନି ଏବଂ ଆକାଶରୁ ପୁଷ୍ପ ବୃଷ୍ଟି କଲେ । ଜନ୍ମର ଏଗାର ଦିନରେ ବଶିଷ୍ଟ ରାଜକୁମାରଙ୍କର ନାମ କରଣ କଲେ । ରାଜକୁମାରମାନେ ସମସ୍ତେ ବୀର ଓ ଲୋକହିତକର କାର୍ଯ୍ୟରେ ରତ, ଜ୍ଞାନବାନ ଓ ଗୁଣବାନ ହେଲେ । ତାଙ୍କୁ ଅର୍ଘ୍ୟ ଓ ପାଦବନ୍ଦନା କରି ରାଜା ଦଶରଥ କୁଶଳ ଜିଜ୍ଞାସା କରି କହିଲେ, ନିଃସନ୍ତାନର ପୁତ୍ର ହେଲେ, ହଜି ଯାଇଥିବା ବସ୍ତ୍ରର ପୁନରୁଦ୍ଧାର କଲେ ଯେପରି ମନ ପ୍ରଫୁଲ୍ଲ ହୁଏ ଆପଣଙ୍କ ଶୁଭାଗମନ ସେହିପରି ବର୍ଷ ଓ ପ୍ରଫୁଲ୍ଲତା ଆଣି ଦେଇଛି । ଆପଣଙ୍କ ଅଭୀଷ୍ଟ କ'ଣ ? ମୁଁ ଉଦାର ଚିତରେ ତାହା ପୂରଣ କରିବି । ଦଶରଥଙ୍କ ବାକ୍ୟ ଶୁଣି ସନ୍ତୁଷ୍ଟ ହେଲେ ବିଶ୍ୱାମିତ୍ର । କହିଲେ - ମୁଁ ଏକ ଯଜ୍ଞ ଆରମ୍ଭ କରିଛି । କିନ୍ତୁ ମାରିଚ ଓ ସୁବାହୁ ନାମରେ ଦୁଇ ଶକ୍ତିଶାଳୀ ରାକ୍ଷସ ନାନା ପ୍ରକାର ବିଘ୍ନ ସୃଷ୍ଟି କରୁଛନ୍ତି । ଯଜ୍ଞବେଦୀ ଉପରେ ମାଂସ ଓ ରକ୍ତ ପକାଉଛନ୍ତି । ଆପଣଙ୍କର ମହାବୀର ଜ୍ୟେଷ୍ଠପୁତ୍ର ରାମଙ୍କୁ ଦଶଦିନ ପାଇଁ ଦିଅନ୍ତୁ । ସେଇ ରାକ୍ଷସମାନଙ୍କୁ ସେ ବିନାଶ କରିବେ । ବିଶ୍ୱାମିତ୍ରଙ୍କ କଥା ଶୁଣି ରାଜା ମୂର୍ଚ୍ଛା ଗଲେ । ତାପରେ କହିଲେ ମୋ ପୁତ୍ର ରାମର ବୟସ ଷୋହଳରୁ କମ । ରାକ୍ଷସମାନଙ୍କ ସହିତ ଯୁଦ୍ଧ କରିବାର ଯୋଗ୍ୟତା ତା'ର ନାହିଁ । ବରଂ ସେନା ନେଇ ମୁଁ ନିଜେ ଯିବି ଏବଂ ରାକ୍ଷସମାନଙ୍କ ସଙ୍ଗେ ଯୁଦ୍ଧ କରିବି । ରାକ୍ଷସମାନେ କୂଟଯୋଦ୍ଧା, ରାମ ତାଙ୍କର ସମକକ୍ଷ ନୁହନ୍ତି । ରାମ ବିଚ୍ଛେଦ ମୁଁ ସହ୍ୟ କରିପାରିବି ନାହିଁ । ତାକୁ ଆପଣ ନେଇଯିବା ଉଚିତ ହେବନାହିଁ । ବିଶ୍ୱାମିତ୍ର କହିଲେ, ଶୁଣିଛି ପୌଲସ୍ତ୍ୟ ବଂଶଜାତ ରାବଣ ନାମରେ ଜଣେ ରାକ୍ଷସ ଅଛି । ସେ ବ୍ରହ୍ମାଙ୍କ ବର ପାଇ ତ୍ରିଲୋକ ପୀଡ଼ନ କରୁଛି । ଦଶରଥ କହିଲେ - ମଣିଷ ଦୂରେ ଥାଉ କୌଣସି ଦେବ, ଦାନବ, ଗନ୍ଧର୍ବ, ଯକ୍ଷ, ବିହଙ୍ଗ ବା ସର୍ପ ତା ସହିତ ଯୁଦଧରେ ପାରିବେ ନାହିଁ । ରାବଣ ଯୁଦ୍ଧ ସମୟରେ ବୀର୍ଯ୍ୟବାନ ଠାରୁ ବୀର୍ଯ୍ୟ ହରଣ କରେ । ଅତଏବ ମୁନିଶ୍ରେଷ୍ଠ, ରାମ ରାବଣ ବା ତା'ର ସୈନ୍ୟ ସହିତ ଯୁଦ୍ଧ କରିପାରିବ ନାହିଁ । ଦଶରଥଙ୍କ ଏଇ ବାଣୀ ଶୁଣି ବିଶ୍ୱାମିତ୍ର କ୍ରୁଦ୍ଧ ହୋଇ କହିଲେ - ନ୍ତପୂର୍ବମର୍ଥଂ ପ୍ରତିଶ୍ରୁତ୍ୟ ପ୍ରତିଜ୍ଞାଂ ହାତୁମିଚ୍ଛାସି । ରାଘବାନାମଯୁକ୍ତୋଽୟଂ କୁଲସ୍ୟାସ୍ୟ ବିପର୍ଯ୍ୟୟଃ ।। ଯଦୀହଂ ତେ କ୍ଷମଂ ରାଜନ୍ ଗମିଷ୍ୟାମି ଯଥାଗତମ୍ । ମିଥ୍ୟା ପ୍ରତିଜ୍ଞା - କାକୁସ୍ଥ ସୁଖୀ ଭବ ସୁହୃଦ୍‌ବୃତଃ ।।' ଅର୍ଥାତ୍ ତୁମେ ପୂର୍ବେ ମା' ପ୍ରାର୍ଥନା ପୂର୍ଣ୍ଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲ । ବର୍ତମାନ ସେଇ ପ୍ରତିଜ୍ଞା ଭଙ୍ଗ କରିବାକୁ ଚାହଁ । ରଘୁବଂଶ ପକ୍ଷରେ ଏହା ଶୋଭାପାଏ ନାହିଁ । ଏହା ତୁମ ପକ୍ଷେ ଶୋଭନୀୟ ନୁହେଁ ବରଂ କୁଳର କ୍ଷତିକାରକ । ରାଜା ! ଯଦି ତୁମେ ଏହା ଉଚିତ ବୋଧ କରୁଛ ତେବେ ମୁଁ ଯେପରି ଆସିଛି ସେପରି ଫେରିଯିବି । କିନ୍ତୁ ତୁମେ ପ୍ରତିଜ୍ଞା ଭାଙ୍ଗି ମଧ୍ୟ ସୁହୃଦଗଣଙ୍କ ସହିତ ଖୁସିରେ ଥାଅ । ବିଶ୍ୱାମିତ୍ରଙ୍କ କ୍ରୋଧ ଯୋଗୁଁ ବସୁଧା ଥରି ଉଠିଲା । ପରିସ୍ଥିତି ଦେଖି ବଶିଷ୍ଠ ଦଶରଥଙ୍କୁ ବୁଝାଇଲେ, ମହାରାଜ ତ୍ରିଲୋକରେ ଆପଣ ଧର୍ମାତ୍ମା ଭାବେ ବିଖ୍ୟାତ । ତେଣୁ ବର୍ତମାନ ଅଙ୍ଗୀକାର ଭଙ୍ଗ କରିବା ଠିକ ହେବ ନାହିଁ । ରାମ ଅସ୍ତ୍ରବିଦ୍ୟା ଜାଣନ୍ତୁ ବା ନଜାଣନ୍ତୁ ବିଶ୍ୱାମିତ୍ର ରକ୍ଷକ ହେଲେ ରାକ୍ଷସମାନେ ତାଙ୍କ ବିକ୍ରମ ସହ୍ୟ କରିପାରିବେ ନାହିଁ । ରାମ ମୂର୍ତିମାନ ଧର୍ମ, ବଳ ଓ ବିଦ୍ୟାରେ ସର୍ବଶ୍ରେଷ୍ଠ ପୁରୁଷ ତାଙ୍କର କୌଣସି ଅନୁଷ୍ଟ ହେବନାହିଁ । ଅନ୍ୟପକ୍ଷରେ ମହାତେଜା ବିଶ୍ୱାମିତ୍ର ବହୁ ଆଶ୍ଚର୍ଯ୍ୟ ଅସ୍ତ୍ରର ଅଧିକାରୀ ଏବଂ ଭୂତ ବା ଭବିଷ୍ୟତ କିଛି ତାଙ୍କର ଅବିଦିତ ନୁହେଁ । ସେ ନିଜେ ରାକ୍ଷସ ମାନଙ୍କୁ ଦମନ କରିପାରନ୍ତି, କେବଳ ଆପଣଙ୍କ ପୁତ୍ରର ମଙ୍ଗଳ ପାଇଁ ପ୍ରାର୍ଥୀ ହୋଇଛନ୍ତି । ଆପଣ ନିର୍ଭୟରେ ରାମକୁ ତାଙ୍କ ସହିତ ଯିବାକୁ ଦିଅନ୍ତୁ । ବଶିଷ୍ଠଙ୍କ କଥାରେ ଆଶ୍ୱସ୍ତ ହୋଇ ଦଶରଥ ପ୍ରସନ୍ନ ଚିତରେ ରାମକୁ ପଠାଇବା ପାଇଁ ସମ୍ମତି ଦେଲେ । ରାମ ଓ ଲକ୍ଷ୍ମଣଙ୍କୁ ନେଇ ବିଶ୍ୱାମିତ୍ର ବିଦାୟ ନେଲେ ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୮୨୮୦୯୬୩୨୮୩

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday October 10 ଭୁବନେଶ୍ୱର ଶୁକ୍ରବାର, ୧୦, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ରାୟଗଡା ପୌର ପରିଷଦ ଉପାଧ୍ୟକ୍ଷା ବିରୋଧରେ ଅନାସ୍ଥା ପ୍ରସ୍ତାବ ସ୍ଥଗିତ : ହାଇକୋର୍ଟ ର ହସ୍ତକ୍ଷେପ !



ରାୟଗଡା: ରାୟଗଡା ପୌର ପରିଷଦରେ ହୋଇଥିବା ରାଜନୈତିକ ନାଟକ ଆଜି ନୂଆ ମୋଡ଼ ନେଇଛି। ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ବିଜେଡି କାଉନସିଲରମାନଙ୍କ ଦ୍ୱାରା ଆଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ହାଇକୋର୍ଟ ସ୍ଥଗିତ କରିଛି। ସୂଚନା ଅନୁସାରେ, ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ହାଇକୋର୍ଟ ଦ୍ୱାରସ୍ଥ ହେବା ପରେ ନ୍ୟାୟାଳୟ ଅନାସ୍ଥା ପ୍ରସ୍ତାବ ଉପରେ ସ୍ଥଗିତ ଆଦେଶ ଜାରି କରିଛି। ଏହିପରେ ଭୋଟିଂ ହେଲେ ମଧ୍ୟ ଫଳାଫଳ ପ୍ରକାଶ ହେବ ନାହିଁ ବୋଲି ଉପଜିଲ୍ଲାପାଳ ଶ୍ରୀ ରମେଶ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଭୋଟିଂ ପ୍ରକ୍ରିୟା ହୋଇଥିଲା, ଯେଉଁଠି ୨୧ ଜଣ କାଉନସିଲର ଉପସ୍ଥିତ ଥିଲେ। ଭୋଟିଂ ସ୍ଥଳରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ୨ ପ୍ଲାଟୁନ ପୁଲିସ ଫୋର୍ସ ନିଯୁକ୍ତ ହୋଇଥିଲା। ଅନାସ୍ଥା ପ୍ରସ୍ତାବ ସାମ୍ନା କରୁଥିବା ଶୁଭ୍ରା ପଣ୍ଡା, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକାଙ୍କ ସହ ଭୋଟିଂ ସ୍ଥଳକୁ ପହଞ୍ଚିଥିଲେ। ଏହି ଘଟଣା ନେଇ ରାୟଗଡା ରାଜନୈତିକ ମଞ୍ଚ ଉପରେ ତିବ୍ର ଚର୍ଚ୍ଚା ଚାଲିଛି। ଏକପକ୍ଷରେ, ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଭାସ୍କର ରାଓ ଦଳ ଛାଡି ନୂଆ ସଂଗଠନ 'ବିଜୁ ସ୍ୱାଭିମାନ ମଞ୍ଚ' ଗଠନ କରିଥିବାବେଳେ, ଶୁଭ୍ରା ପଣ୍ଡା ସେଠାରେ ଯୋଗ ନଦେଇଥିବାକୁ ନେଇ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ ଉଠିଛି। ଏହା ସହିତ, ବିଜେଡି ସୁପ୍ରିମୋ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶା ପୌର (ସଂଶୋଧନ) ନିୟମ ୨୦୧୮ ର ନିୟମ ୪୬(ଖ) ଅନୁଯାୟୀ ଦଳୀୟ କାଉନସିଲରଙ୍କୁ ଭିପ୍ ଜାରି କରିଥିଲେ, ଏବଂ ଭିପ୍ ଉଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତର୍କ କରିଥିଲେ। ବର୍ତ୍ତମାନ ହାଇକୋର୍ଟ ନିର୍ଦ୍ଦେଶ ଅନୁସାରେ, ଅନାସ୍ଥା ପ୍ରସ୍ତାବର ବଲୋଟ ବକ୍ସ ସିଲ କରି ରଖାଯାଇଛି ଏବଂ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ କୋର୍ଟ ଅନୁମତି ବିନା ଫଳାଫଳ ପ୍ରକାଶ ହେବ ନାହିଁ। ରାୟଗଡାରେ ଏହି ଘଟଣା ଆସନ୍ତା ନଗର ନିର୍ବାଚନ ଓ ଦଳୀୟ ରଣନୀତିରେ ବଡ଼ ପ୍ରଭାବ ପକାଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମାନେ ମନୋଭାବ ବ୍ୟକ୍ତ କରିଛନ୍ତି।

# ଧର୍ମଗଡ଼ ଠାରେ ଗୋପବନ୍ଧୁ ଜନ୍ମ ଜୟନ୍ତୀ ପାଳିତ



ଧର୍ମଗଡ଼:( ପି ଏନ): ରମିଶୁ ମୋର ଦେହ ଏ ଦେଶ ମାଟିରେ,ଦେଶ ବାସୀ ଚାଲି ଯାଆନ୍ତୁ ମୋ ପିଠିରେ ଏହି ବାଣୀ କହିଥିଲେ ଉତ୍କଳ ମଣି ଗୋପବନ୍ଧୁ ଦାସ। ସେ ଜଣେ ସମାଜସେବୀ କେବଳ ନ ଥିଲେ, ସେ ଥିଲେ ଜଣେ କବି, ସାହିତ୍ୟିକ, ଜଣେ ମହାନ ଜ୍ଞାନୀ, ସମାଜ ପତ୍ରିକାର ପ୍ରତିଷ୍ଠାତା । ସେ ସଦାବେଳେ କହୁଥିଲେ ରାଜନେତା ଯେତେ ଦୁର୍ନୀତି କରୁ ନା କାହିଁକି ସଦାବେଳେ ପତ୍ର ପତ୍ରିକା ମାଧ୍ୟମରେ ସମାଜ ସଂସ୍କାର ଆଣି ହେବ, ସଚେତନତା ସୃଷ୍ଟି କରାଯାଉ ପାରିବ, ଜନ ଆନ୍ଦୋଳନ କରା ଯାଇ ପାରିବ ବୋଲି ତାଙ୍କର ବିଶ୍ୱାସ ଥିଲା। ସେଥିପାଇଁ ତାଙ୍କୁ ଆଜି ସାରା ଓଡ଼ିଶା ତାଙ୍କ ଦିବସରେ ଆଜିକାଲିର ସମାଜସେବୀମାନେ ଅନୁପ୍ରାଣିତ ହୋଇ ସମାଜସେବାରେ ନିଜ ଜୀବନକୁ ଲଗାଇ ଦେଇଛନ୍ତି। ସେ ଜଣେ ଓଡ଼ିଆ ଜାତିର ମଉଡମଣି ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ପୁଣ୍ୟାତ୍ମା ଥିଲେ । ସାରା ଓଡ଼ିଶାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସ୍ମରଣ କରିବା ପାଇଁ ୧୪୮ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସେହିପରି ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣଙ୍କ ଦ୍ୱାରା ଧର୍ମଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଡ଼ାକେଶ୍ୱର ଲହଜଳ, ସୋମ୍ୟ ରଂଜନ ନାଏକ, ରାଜେନ୍ଦ୍ର ଭୋଇ, ଡଗ ନାଏକ, ସୁଧୀର ଗୋପାଳ, ସନ୍ତୋଷ ପାଢ଼ୀ, ମହିରାଜ ପାଣିଗ୍ରାହୀ, ପଦ୍ମନ ବାଗ ପ୍ରମୁଖ ଯୋଗ ଦାନ କରିଥିଲେ ।

# ବନ୍ଦର ସହର ପାରାଦୀପରେ ୫ଜି ସେବା ବିପର୍ଯ୍ୟସ୍ତ – ଉପଭୋକ୍ତାଙ୍କୁ ଧୋକା ଦେଉଛି ଜିଓ ନେଟଓାର୍କ

ପାରାଦୀପ,(ପି.ଏନ): ପଣ୍ୟକାରବାରରେ ସମଗ୍ର ଦେଶରେ ଏକ ନମ୍ବର ସ୍ଥାନରେ ରହିଛି ରାଜ୍ୟର ଏକମାତ୍ର ବୃହ ବନ୍ଦର ପାରାଦୀପ । ପାରଦୀପ ବନ୍ଦର ସମେତ ଏହାର ଆଖପାଖରେ ଗଢି ଉଠିଲାଣି ଅନେକ ଶିଳ୍ପସଂସ୍ଥା । ଯୋଗାଯୋଗ କ୍ଷେତ୍ରରେ ନେଟ୍‌ର ବହୁଳ ବ୍ୟବହାର ହେଉଛି । ସରକାର ୪ଜିକୁ ଅପଗ୍ରେଡ୍ କରି ୫ଜି ପ୍ରଚଳନ କଲେ । ଯାହା ଦ୍ୱାରା ଯୋଗାଯୋଗ କ୍ଷିପ୍ରଗତିରେ ହୋଇ ପାରିବ । ହେଲେ ବନ୍ଦର ଓ ଶିଳ୍ପ ସହରରେ ଜିଓ ଉପଭୋକ୍ତାଙ୍କୁ ଧୋକା ଦେଇ ଦେଇ ଚାଲିଛି । ୪ଜି ସମୟରେ ନେଟ୍‌ର ସ୍ପିଡ୍ ଯେତିକି ଥିଲା ୫ଜି ହେବା ପରେ ଏହି ସ୍ପିଡ୍ ବହୁତ୍ କମିଯାଇଛି । ଉପଭୋକ୍ତାଙ୍କ ଠାରୁ ମାସିକ ୩୦୦ ଶହ ଟଙ୍କା ନେଉଥିବା ବେଳେ କଥା ହେବା ସମୟରେ କଥା ନଶୁଭିବା, ମୋବାଇଲ୍ ଓ ଇ ରନେଟ୍ ଚଲାଇବା ସମୟରେ ଜିଓ ର ନେଟଓାର୍କ ପୁରପୁରି ଫେଲ୍ ମାରୁଛି । ଏହି ନେଟ୍‌ଓାର୍କ ବ୍ୟବହାରକୁ ବିଶେଷ ଭାବରେ ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥା, ଷ୍ଟିଭେଡୋର୍ସ, ସିପିଙ୍ଗ ଏଜେ ପ୍ରମୁଖ ଜାହାଜ ଚଳାଚଳ, ପଣ୍ୟକାରବାର ସମ୍ପର୍କିତ ତଥ୍ୟ ଆଦାନପ୍ରଦାନ କରିବା ସମୟରେ ବିଭ୍ରାଟ ଦେଖା ଦେଉଛି । ୪ଜି ଠାରୁ ୫ଜିରେ ଅଧିକ ସ୍ପିଡ୍ ହେବ ବୋଲି ଯେଉଁ ଘୋଷଣା ହେଉଥିଲା ବନ୍ଦର ସହର ପାରାଦୀପରେ ତାହା ପ୍ରହସନରେ ପାଲଟିଛି । ପାରାଦୀପରେ ଜିଓର ନିଜସ୍ୱ କାର୍ଯ୍ୟାଳୟ ଥିବା ବେଳେ ଏନେଇ ସେମାନେବି କିଛି ଉଦ୍ୟମ ନକରିବା ସାଧାରଣରେ ନୈରାଶ୍ୟ ସୃଷ୍ଟି କରିଛି । ମାସକୁ ମାସ ଟଙ୍କା ଦେଉଛୁ ହେଲେ ନିକୃଷ୍ଟ ସେବା ଜିଓ ଦେଉଛି ବୋଲି ଜନୈକ ବନ୍ଦର ବ୍ୟବହାରକାରୀ ସଂସ୍ଥାର ଅଧିକାରୀ କହିଛନ୍ତି । ମଣିଷ ଯାଇ ଚନ୍ଦ୍ରପୃଷ୍ଠରେ ପହଂଚିଲାଣି ହେଲେ ଜିଓର ନେଟଓାର୍କ ସେବା ପ୍ରଦାନ କ୍ଷେତ୍ରରେ ଉପଭୋକ୍ତାମାନଙ୍କୁ ଭଣ୍ଡି ଚାଲିବା ଉଚିତ୍ ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ଏହି ଭଳି ଯଦି ଜିଓ ନେଟଓାର୍କ ସେବା ବିପର୍ଯ୍ୟସ୍ତ ହୁଏ ଆଗାମୀ ଦିନରେ ଯେ ଜନ ଆନ୍ଦୋଳନ ଯେ ମୁଣ୍ଡ ନଟେକିବ ସେ କଥା କିଏ କହିବ ।

# ମା'ଗଜଲକ୍ଷ୍ମୀ ପୂଜା ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ : ୨ମହିଳାଙ୍କ ସମେତ ୫ଗିରଫ



କେନ୍ଦ୍ରାପଡ଼ା,(ପି.ଏନ):ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଟାଉନ, ମାର୍ଶାଘାଇ, ରାଜକନିକା ଓ ରାଜନଗର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଚୋରାମଦ ଜବତ କରାଯାଇଛି। ଗଜରାଜପୁର ଗ୍ରାମର ଜଳଧର ମଳିକ(୩୨)ଙ୍କ ଠାରୁ ୧୭ ଲିଟର ବିଦେଶୀ ମଦ, ଧଣ୍ଡିଆ ଗ୍ରାମର ସୌମ୍ୟରଞ୍ଜନ ପାତ୍ର(୩୪)ଙ୍କ ଠାରୁ ୧୩ ଲିଟର ବିଦେଶୀ ମଦ, କଜଳା ଗ୍ରାମର ସୁକାନ୍ତି ଦାସ(୭୫)ଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଅଙ୍ଗୁଳାଇ ଗ୍ରାମର ଶରତ ବାରିକ(୫୬)ଙ୍କ ଠାରୁ ୧୨ ଲିଟର ଦେଶୀ ମଦ, ବଡହାଟ ଗ୍ରାମର କୁମୁଦିନି ମହାରଣା(୭୦)ଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ୨ ମହିଳା ସମେତ ୫ ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୮୧ ଲିଟର ଦେଶୀ, ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଛାୟାକାନ୍ତ ନାୟକ, ନରେଶ କୁମାର ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୋଟଚୋରୀ ଓ ଚାକିରି ବିକ୍ରୀ ବିରୁଦ୍ଧରେ ବିକ୍ଷୋଭ



ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ରିତ ପାତ୍ରଙ୍କ ନେତୃତ୍ୱରେ ଭୋଟ ଚୋରି ଓ ଚାକିରି ବିକ୍ରୀ ବିରୁଦ୍ଧରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ସଭାପତି ଶ୍ରୀ ଉଦୟ ଭାନୁ ଚିବ୍ ଯୋଗଦେଇଥିଲେ। ଶ୍ରୀ ଉଦୟ ଭାନୁ ଚିବ୍‌ଙ୍କୁ ସତ୍ୟନଗର ଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରେ ଆୟୋଜିତ ବିକ୍ଷୋଭ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ଚିବ୍ କହିଥିଲେ ଯେ ମୋଦି ସରକାର ଓ ମୋହନ ସରକାର ନିର୍ବାଚିତ ସରକାର ନୁହନ୍ତି। ସାଧାରଣ ଲୋକଙ୍କ ଭୋଟକୁ ଚୋରି କରାଯାଇ ଏହି ସରକାର ଗଠନ କରାଯାଇଛି। ଆଜିର ନ୍ତପ୍ରତାରଣା ପ୍ରତିବାଦ ସମାବେଶନ୍ତ ମାଧ୍ୟମରେ ଓଡ଼ିଶାର ଯୁବ ସମାଜ କେବଳ ଭୋଟଚୋରି ଓ ଚାକିରି ବିକ୍ରୀ ନୁହେଁ ଓଡ଼ିଶାରେ ଉତ୍କଟ ବେକାରୀ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ନିର୍ଯାତନା ବୃଦ୍ଧି ଓ ଦରଦାମ ବୃଦ୍ଧି ପ୍ରତିବାଦରେ ସେମାନଙ୍କର ଅସନ୍ତୋଷକୁ ବ୍ୟକ୍ତ କରିଛନ୍ତି। ଭୋଟ ଗ୍ରହଣ ଦିନ ସନ୍ଧ୍ୟା ୫ଟାରୁ ରାତି ୯ ଟା ମଧ୍ୟରେ ଓଡ଼ିଶାରେ ୪୨ ଲକ୍ଷ ଭୋଟ ଗ୍ରହଣ କରାଯାଇଥିବା ଆଶ୍ଚର୍ଯ୍ୟଜନକ ଘଟଣା। ଏହା ଭୋଟ ଚୋରିକୁ ପ୍ରମାଣିତ କରୁଛି। ସେହିଭିଳି ବିଜେଡ଼ି ସରକାରରେ ଥାଇ ମଧ ୨୧ଟ ଲୋକସଭା ଆସନରୁ ଗୋଟିଏବି ଆସନରେ ଜୟଲାଭ କରିପାରିଲା ନାହିଁ। କଂଗ୍ରେସ ଗୋଟିଏ ଆସନ ଜିତିଥିବା ବେଳେ ବାକି ୨୦ଟି ଆସନ ବିଜେପି ପୋଛିନେଲା। ୫୧ଟି ବିଧାନସଭା ଆସନରେ ବିଜୟଲାଭ କରିମଧ ବିଜେଡ଼ି ଗୋଟିଏ ଲୋକସଭା ସିଟ ପାଇପାରିଲା ନାହିଁ। ବ୍ୟାପକ ଭୋଟ ଚୋରୀ ହୋଇଥିବାର ପ୍ରମାଣ ପାଇ ମଧ୍ୟ ବିଜେଡ଼ି ନୀରବ ରହିବା, ଏ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ ନକରିବା ଅର୍ଥ ଭୋଟି ଚୋରିକୁ ସମର୍ଥନ ଜଣାଇବା। ଜନନାୟକ ରାହୁଲ ଗାନ୍ଧୀ ଭୋଟ ଚୋରି ବାବଦରେ ଯେଉଁ ସପ୍ରମାଣ ଉଦାହରଣ ଦେଇଛନ୍ତି ତାହା ସାର ଦେଶରେ ଭୋଟର ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଗୋଟିଏ ଠିକଣାରେ ଶତାଧିକ ଭୋଟର, ଗୋଟିଏ ଠିକଣାରେ ବିଭିନ୍ନ ଧର୍ମର ଶତାଧିକ ଭୋଟର, ଫରଜି ଫଟୋ ଥିବା ଭୋଟର, ଫରଜି ଠିକଣା ଥିବା ଭୋଟର, ଶୂନ୍ୟ ଠିକଣାରେ ଶତାଧିକ ଭୋଟର ପ୍ରଭୃତି ସାରା ଦେଶଷର ବହୁ ବାସ୍ତବ ଉଦାହରଣ ଦେଇ ରାହୁଲଜୀ ନିର୍ବାଚନ କମିଶନର ଓ ବିଜେପି ମଧ୍ୟରେ ମଧୁଚନ୍ଦ୍ରିକାର ଖୋଲାସା କରିଛନ୍ତି। ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ଶ୍ରୀ ଚିବ୍ ଉଦବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଏଠି ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ୬୫ ହଜାର ମହିଳା ନିଖୋଜ ଅଛନ୍ତି। ମୋହନ ସରକାରରେ ମହିଳାମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। କେନ୍ଦୁଝରର ଆଦିବାସୀ ମହିଳା ଦୁଷ୍କର୍ମ ଓ ହତ୍ୟା, ତାଳଚେର ମହିଳା ଦୁଷ୍କର୍ମ ଓ ହତ୍ୟା, ଗୋପାଳପୁର ସମୁଦ୍ରକୂଳ ମହିଳା ଦୁଷ୍କର୍ମ, ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କୁ ଆତ୍ମହତ୍ୟା କରିବା ଚାପ ପ୍ରୟୋଗ ଘଟଣାରୁ ଏଠିକାର ମହିଳା ମାନଙ୍କର ଅବସ୍ଥା କଣ ତାହା ସ୍ପଷ୍ଟ ହୋଇପଡୁଛି। ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ସରକାରୀ ଦପ୍ତରରେ ମହିଳାମାନେ ସୁରକ୍ଷିତ ନାହାନ୍ତି। ଏପରିକି ମହିଳା ପୋଲିସ ମଧ୍ୟ ସୁରକ୍ଷିତ ନାହାନ୍ତି। ହତ୍ୟା ଏବଂ ଡ୍ରଗ୍ସ କାରବାର ଦିନକୁ ଦିନ ବଢ଼ି ଚାଲିଛି। ଗୃହ ବିଭାଗ ସଂପୂର୍ଣ୍ଣଭାବେ ଅପାରଗ ଓ ଅକ୍ଷମ। ମୋଦି ସରକାର ଓ ମୋହନ ସରକାରରେ ସରକାରୀ ଚାକିରି ସବୁ ପରୀକ୍ଷା ପୂର୍ବରୁ ନିଲାମ ହୋଇଯାଉଛି। ଦୁଇ ସରକାର ବିଭିନ୍ନ ସରକାରୀ ପଦବୀର ବଜାର ଦର ନିରୁପଣ କରୁଛନ୍ତି। ଓଡ଼ିଶାରେ ପୋଲିସ ଏସଆଇ ପଦବୀକୁ ୨୫ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିବାର ଲୋକଲୋଚନକୁ ଆସିଛି। ପୋଲିସ ଏସଆଇ ପଦବୀ ବିକ୍ରୀ ପାଇଁ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ ହୋଇଥିବାର ଅଭିଯୋଗ ହୋଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ଏକ ସଂସ୍ଥାକୁ ଏବଂ ସେହି ସଂସ୍ଥା ପକ୍ଷରୁ ଯେଉଁ ପ୍ରାଇଭେଟ ସଂସ୍ଥାକୁ ପୋଲିସ ଏସଆଇ ପରୀକ୍ଷା କରିବାକୁ ଦିଆଯାଇଥିଲା ସେହି ସଂସ୍ଥା ୧୧୪ ଜଣଙ୍କୁ ପରୀକ୍ଷାର ପ୍ରଶ୍ନପତ୍ର ବସ ଯୋଗେ ଆନ୍ଧ୍ର ନେଇଯାଉଥିଲେ। ସେମାନଙ୍କ ଠାରୁ ଅଗୀମ ୧୦ଲକ୍ଷ ଅଗ୍ରୀମ ନିଆଯାଇଥିବାର ଅଭିଯୋଗ ହୋଇଛି। ଏଥିରେ ଶତାଧି କକୋଟି ଟଙ୍କାର ଡିଲ ହୋଇଥିବାର ଜଣାପଡୁଛି। ମାତ୍ର କାଇମବ୍ରାଞ୍ଚ ତଦନ୍ତ ଲୋକ ଦେଖାଣିଆ ଭାବେ ଦିଆଯାଇଛି। ପୋଲିସ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ଏହି ଦୁର୍ନୀତିର ପରିସର ଭିତରକୁ ଆସୁଥିବାରୁ କ୍ରାଇବ୍ରାଞ୍ଚ ଏହାର ତଦନ୍ତ କରିବାକୁ ସକ୍ଷମ ହେବ ନାହିଁ। ସୁତରାଂ ଯୁବ କଂଗ୍ରେସ ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରୁଛି। ଓଡ଼ିଶା ରତ୍ନଗର୍ଭା ହୋଇଥିଲେ ବି ଓଡ଼ିଶାର ବେକାର ଯୁବକ ଯୁବତୀ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ୧୧ ଲକ୍ଷ ବେକାର ଯୁବକ ଯୁବତୀ ନାମ ପିକରଣ କରି ନିଯୁକ୍ତି ପାଇଁ ଚିତ୍କାର କରୁଛନ୍ତି। ଓଡ଼ିଶାରେ ବିଜେପି ଦଳ ୫ ବର୍ଷରେ ସାଢ଼େ ତିନି ଲକ୍ଷ ନିଯୁକ୍ତି ଦେବାପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିବା ବେଳେ ଦେଢ଼ ବର୍ଷରେ ଏହି କାମ ଆରମ୍ଭ କରିପାରି ନାହିଁ। ଏହି ସରକାର ନିଯୁକ୍ତି ଦେବ କ'ଣ କେବଳ ସରକାରୀ ଚାକିରିକୁ ବିକ୍ରୀ କରିବାପାଇଁ ଷଡଯନ୍ତ୍ର କରୁଛି। ସୁତରାଂ ଆଜିର ଆନ୍ଦୋଳନ ଭୋଟ ଚୋରି ବିରୋଧରେ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ ଏବଂ ଓଡ଼ିଶାରେ ଚାକିରି ବିକ୍ରୀ ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ଆୟୋଜିତ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ରମେଶ ଜେନା, ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ରିୟାନା ରାଜୁ ଓ ସହ ସମ୍ପାଦିକା ଖୁସି ଟିଗା, ମନୋଜ ଜେନା, ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଦିପ ସାମଲ, ଅଭିଲାଷ ମାଣିଆ, ଇଂ. ଅମରେଶ ପରିଡ଼ା, କୃଷ୍ଣ ମହାନ୍ତି, ଗଣେଶ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ନିହାର ବେହେରା, ଗୋପନ ମାର୍ଥା, ଅଭିଜିତ ଜେନା, ସ୍ୱାଗତ କର, ମହମ୍ମଦ ଗୁଲଫାମ, କେଦାର ଦଳାଇ, ଲକ୍ଷ୍ମିପ୍ରିୟା ନାୟକ, ଲିପିକା ପାତ୍ର, ସୁଶ୍ରୀ ବେହେରା, ସୃଜନିକା ରାଉତ, ଅଜୟ ସାହୁ, ବଟକୃଷ୍ଣ ରାଉତରାୟ, ବିରଞ୍ଚି ବାରିକ, ଆଲୋକ ଦାସ, ସୁନେଶ ଧିର, ବିପ୍ଳବ ଶିଳାଦିତ୍ୟ, ମୋହନ ନାୟକ, ଅମିତ ଆଚାର୍ଯ୍ୟ, ଅଙ୍କିତ ସାହୁ, ନିରନ ଦାସ, ଜ୍ଞାନ ରନ ରାଉତ, ସାହାରୁଖ ଖାନ, କାର୍ତ୍ତିକେଶ୍ୱର କାଣ୍ଡି, ମହମ୍ମଦ ପରଭେଜ, ରାହୁଲ ମହାନ୍ତି, ସୁରଜ ରାଉତ, ବଳରାମ ନନ୍ଦ, ରଣଜିତ ସେନାପତି, ସନ୍ଦୀପ ରାଉତରାୟ, ପବିତ୍ର ସେଠୀ, ସୌରଭ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray